# NATIONAL NEWS BULLETIN (ODIA)

## 12 December - 2024

### Morning Bulletin : 7.15 a.m.

*********************************

## ମୁଖ୍ୟ ସମ୍ବାଦ

- ୨୦୨୪ ଜାତୀୟ ପଞ୍ଚାୟତ ପୁରସ୍କାର ପ୍ରଦାନ କଲେ ରାଷ୍ଟ୍ରପତି ।

– ଓଡ଼ିଶା ଓ ତ୍ରିପୁରାକୁ ମିଳିଲା ସର୍ବାଧିକ ୭ଟି ଲେଖାଏଁ ପୁରସ୍କାର ।

- ଯୁବ ପିଢ଼ି ମଧ୍ୟରେ ଥିବା ଆଗ୍ରହ ଓ ଇଚ୍ଛାକୁ ବାସ୍ତବତାରେ ପରିଣତ କରିବା ଲାଗି ସରକାର ସହାୟତା କରୁଛନ୍ତି, କହିଲେ ପ୍ରଧାନମନ୍ତ୍ରୀ ।

- ନୂଆଦିଲ୍ଲୀର ଇଣ୍ଡିଆ ଗେଟ୍ ଠାରେ ଆଜିଠାରୁ ଆରମ୍ଭ ହେବ ୨୨ ତମ ଦିବ୍ୟ କଳା ମେଳା ।

- ୨୦୪୦ ମସିହା ସୁଦ୍ଧା ଚନ୍ଦ୍ରରେ ଅବତରଣ କରିବେ ଜଣେ ଭାରତୀୟ, କହିଛନ୍ତି କେନ୍ଦ୍ର ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ରାଷ୍ଟ୍ରମନ୍ତ୍ରୀ ।

ଏବଂ

- ମହିଳା ଜୁନିୟର୍ ଏସିଆକପ୍ ହକିରେ ଆଜି ଭାରତ-ଥାଇଲାଣ୍ଡ ମଧ୍ୟରେ ମୁକାବିଲା ।

## ପ୍ରେଜ୍-ନ୍ୟାସନାଲ୍ ପଞ୍ଚାୟତ ଆୱାର୍ଡ୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ନୂଆଦିଲ୍ଲୀ ବିଜ୍ଞାନ ଭବନରେ ୨୦୨୪ ଜାତୀୟ ପଞ୍ଚାୟତ ପୁରସ୍କାର ପ୍ରଦାନ କରିଛନ୍ତି । ଗତ ସନ୍ଧ୍ୟାରେ ପଞ୍ଚାୟତୀରାଜ ମନ୍ତ୍ରଣାଳୟ ପକ୍ଷରୁ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ବିଭିନ୍ନ ବର୍ଗରେ ୪୫ ଜଣଙ୍କୁ ପୁରସ୍କୃତ କରାଯାଇଛି । ଏଥିରେ ଓଡ଼ିଶା ଓ ତ୍ରିପୁରାକୁ ସର୍ବାଧିକ ୭ଟି ଲେଖାଏଁ ପୁରସ୍କାର ମିଳିଛି । ଏହି ଅବସରରେ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ସମସ୍ତ ବିଜେତାଙ୍କୁ ପ୍ରଶଂସା କରିବା ସହ ଭବିଷ୍ୟତରେ ଶ୍ରେଷ୍ଠ କାର୍ଯ୍ୟ ପାଇଁ ଏହା ପ୍ରେରଣା ଯୋଗାଇବ ବୋଲି କହିଛନ୍ତି ।

ରାଷ୍ଟ୍ରପତି କହିଛନ୍ତି, ଦେଶର ୬୪ ପ୍ରତିଶତ ନାଗରିକ ଗ୍ରାମୀଣ ଭାରତରେ ବସବାସ କରୁଥିବାରୁ ଭାରତକୁ ବିକଶିତ ରାଷ୍ଟ୍ରରେ ପରିଣତ କରିବା ପାଇଁ ଗାଁ ଓ ଗ୍ରାମବାସୀଙ୍କ ବିକାଶ ଗୁରୁତ୍ୱପୂର୍ଣ୍ଣ ।

## ପିଏମ୍-ହାକାଥନ

ପ୍ରତିବନ୍ଧକ ଦୂର କରି ଯୁବ ପିଢ଼ି ମଧ୍ୟରେ ଥିବା ଆଗ୍ରହ ଓ ଇଚ୍ଛାକୁ ବାସ୍ତବତାରେ ପରିଣତ କରିବା ଲାଗି ସରକାର ସହାୟତା କରୁଛନ୍ତି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି । ଗତକାଲି ୨୦୨୪ ସ୍ମାର୍ଟ୍ ଇଣ୍ଡିଆ

ହାକାଥନ୍ ଗ୍ରାଣ୍ଡ ଫିନାଲେରେ ଶ୍ରୀ ମୋଦୀ ଯୁବ ପ୍ରତିଭାମାନଙ୍କ ସହ ଭାବ ବିନିମୟ କରିଥିଲେ । ସେ କହିଥିଲେ, ଦେଶ ସମ୍ମୁଖୀନ ହେଉଥିବା ଆହ୍ୱାନର ମୁକାବିଲା ପାଇଁ ଉପାୟ ଖୋଜିବା ଦିଗରେ ଯୁବପିଢ଼ି ସକ୍ରିୟ ହୋଇଛନ୍ତି । ଆଗାମୀ ଦିନରେ ବିଶ୍ୱ, ଜ୍ଞାନ ଏବଂ ନୂତନ ଉଦ୍ଭାବନ ସହ ପରିଚାଳିତ ହେବାକୁ ଯାଉଥିବାରୁ ଭାରତର ଯୁବପିଢ଼ି ଏହାକୁ ପୂରଣ କରିପାରିବେ ବୋଲି ବିଶ୍ୱ ସ୍ୱୀକାର କରିଛି । ଏହି ଅବସରରେ ପ୍ରଧାନମନ୍ତ୍ରୀ ସମସ୍ତ ଆହ୍ୱାନ ଗୁଡ଼ିକର ମୁକାବିଲା ନିମନ୍ତେ ଯୁବପିଢ଼ିଙ୍କୁ ଅଧିକ କ୍ରିୟାଶୀଳ ହେବାକୁ ପରାମର୍ଶ ଦେଇଛନ୍ତି । ସେ କହିଛନ୍ତି, ହାକାଥନ କେବଳ ଏକ ଆନୁଷ୍ଠାନିକ କାର୍ଯ୍ୟକ୍ରମ ନୁହେଁ ବରଂ ଏକ ଜନହିତକର ଶାସନ ମଡେଲ୍‌ର ଅଂଶ ବିଶେଷ ।

# ଦିବ୍ୟ କଳା ମେଳା

ନୂଆଦିଲ୍ଲୀର ଇଣ୍ଡିଆ ଗେଟ୍ ଠାରେ ଆଜିଠାରୁ ୨୨ ତମ ଦିବ୍ୟ କଳା ମେଳା ଆରମ୍ଭ ହେବ । କେନ୍ଦ୍ର ସାମାଜିକ ନ୍ୟାୟ ଓ ସଶକ୍ତିକରଣ ମନ୍ତ୍ରଣାଳୟର ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ଏହା ଆୟୋଜନ କରାଯାଉଛି । ଦିବ୍ୟ କଳା ମେଳାରେ ସାରା ଦେଶରୁ ଦିବ୍ୟାଙ୍ଗ କାରିଗର, ଉଦ୍ୟୋଗୀ ଓ କଳାକାରମାନଙ୍କ ପ୍ରତିଭା, ସୃଜନଶୀଳତା ଏବଂ ଉଦ୍ୟୋଗୀ ଭାବନାକୁ ପ୍ରଦର୍ଶନ କରାଯିବ । ୧୦୦ରୁ ଅଧିକ ଦିବ୍ୟାଙ୍ଗ ଉଦ୍ୟୋଗୀ ଓ

କାରିଗର ସେମାନଙ୍କ ଉତ୍ପାଦ ଓ ଦକ୍ଷତା ପ୍ରଦର୍ଶନ କରିବେ । ପ୍ରତିଦିନ ପୂର୍ବାହ୍ଣ ୧୧ଟାରୁ ରାତି ୯ଟା ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଚଳିତ ମାସ ୨୨ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ।

## ସେଣ୍ଟ-ଓ୍ୱିଟ୍ ଷ୍ଟକ୍ ଲିମିଟ୍

କେନ୍ଦ୍ର ସରକାର ଆସନ୍ତାବର୍ଷ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ଲାଗୁ ହେବାକୁ ଥିବା ଗହମ ଷ୍ଟକ୍ ସୀମାକୁ ସଂଶୋଧନ କରିବା ଲାଗି ନିଷ୍ପତ୍ତି ନେଇଛନ୍ତି । ସାମଗ୍ରୀକ ଖାଦ୍ୟ ନିରାପତ୍ତାକୁ ନିୟନ୍ତ୍ରଣ କରିବା ଏବଂ ଅସାଧୁ ଉପାୟରେ ଗହମ ମହଜୁଦ ରୋକିବା ଲାଗି କେନ୍ଦ୍ର ସରକାର ପୂର୍ବରୁ ଷ୍ଟକ୍ ସୀମା ଲାଗୁ କରିଥିଲେ । ବ୍ୟବସାୟି ଏବଂ ହୋଲ୍‌ସେଲରଙ୍କ ପାଇଁ ପୂର୍ବରୁ ଗହମ ମହଜୁଦ ସୀମା ୨ହଜାରରୁ ୧ ହଜାର ମେଟ୍ରିକ୍ ଟନ୍‌କୁ ହ୍ରାସ କରାଯାଇଥିବା ବେଳେ ଖୁଚୁରା ବ୍ୟବସାୟିଙ୍କ ପାଇଁ ଏହି ସୀମା ୧୦ରୁ ୫ ମେଟ୍ରିକ୍ ଟନ୍‌କୁ ହ୍ରାସ କରାଯାଇଥିଲା ।

ଏ ସମ୍ପର୍କରେ କେନ୍ଦ୍ର ଖାଉଟି ବ୍ୟାପାର, ଖାଦ୍ୟ ଏବଂ ସାଧାରଣ ବଣ୍ଟନ ମନ୍ତ୍ରଣାଳୟ କହିଛି, ୨୦୨୪ ରବି ଋତୁରେ ୧ ହଜାର ୧୩୨ ଲକ୍ଷ ମେଟ୍ରିକ୍ ଟନ୍ ଗହମ ଗଚ୍ଛିତ କରାଯାଇଛି ।

# ପିଏମ୍‌-କପୁର ଫ୍ୟାମେଲି

ଆସନ୍ତା ଡିସେମ୍ବର ୧୪ ତାରିଖରେ ପ୍ରଖ୍ୟାତ ଚଳଚ୍ଚିତ୍ର ନିର୍ମାତା ରାଜ କପୁରଙ୍କ ଜନ୍ମ ଶତବାର୍ଷିକୀ ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କ ଜୀବନୀ ଓ ପରମ୍ପରାକୁ ସ୍ମରଣ କରି ଗତକାଲି ନୂଆଦିଲ୍ଲୀରେ ତାଙ୍କ ପରିବାରବର୍ଗଙ୍କ ସହ ସାକ୍ଷାତ କରିଛନ୍ତି । ଏହି ଅବସରରେ କପୁର ପରିବାର ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କୁ ରାଜ କପୁର ଚଳଚ୍ଚିତ୍ର ମହୋତ୍ସବକୁ ନିମନ୍ତ୍ରଣ କରାଯାଇଛି । ଚଳିତ ମାସ ୧୩ରୁ ୧୫ ତାରିଖ ପର୍ଯ୍ୟନ୍ତ ଦେଶର ୪୦ଟି ସହରରେ ଏହା ଅନୁଷ୍ଠିତ ହେବ । ପ୍ରଧାନମନ୍ତ୍ରୀ କହିଛନ୍ତି, ଦେଶ ପ୍ରତି ଚଳଚ୍ଚିତ୍ର ନିର୍ମାତାମାନଙ୍କ ଅବଦାନ ପ୍ରଶଂସନୀୟ । ଏହି ସାକ୍ଷାତ ଆଲୋଚନା ଅବସରରେ ପ୍ରଧାନମନ୍ତ୍ରୀ ରାଜ କପୁରଙ୍କୁ ନେଇ ଏକ ଚଳଚ୍ଚିତ୍ର ନିର୍ମାଣ କରିବା ଲାଗି ଅନୁରୋଧ କରିଛନ୍ତି । ଶ୍ରୀ ମୋଦୀ କହିଛନ୍ତି, ରାଜ କପୁର ସେମାନଙ୍କର ଜୀବନ ଉପରେ ପ୍ରଭାବ ପକାଇଥିଲେ । ଭାରତୀୟ ସିନେମାକୁ ଏସିଆର ନୂତନ ପିଢ଼ି ପାଖରେ ପହଞ୍ଚାଇବା ପାଇଁ ଉଦ୍ୟମ କରିବା କ୍ଷେତ୍ରରେ କପୁର ପରିବାର ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବା ଉପରେ ଶ୍ରୀ ମୋଦୀ ଗୁରୁତ୍ୱାରୋପ କରିଥିଲେ ।

## ଜିତେନ୍ଦ୍ର ସିଂହ-ପିସି

୨୦୩୫ ମସିହା ସୁଦ୍ଧା ଭାରତ ମହାକାଶରେ ଭାରତ ଅନ୍ତରୀକ୍ଷ କେନ୍ଦ୍ର ସ୍ଥାପନ କରିବ ଏବଂ ୨୦୪୦ ମସିହା ସୁଦ୍ଧା ଜଣେ ଭାରତୀୟ ଚନ୍ଦ୍ରରେ ଅବତରଣ କରିବ ବୋଲି କେନ୍ଦ୍ର ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ରାଷ୍ଟ୍ରମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂହ କହିଛନ୍ତି । ନୂଆଦିଲ୍ଲୀରେ ସମସ୍ତ ବିଜ୍ଞାନ ମନ୍ତ୍ରଣାଳୟର ସଫଳତା ଶୀର୍ଷକ ଏକ ସାମ୍ବାଦିକ ସମ୍ମିଳନୀରେ ଡକ୍ଟର ସିଂହ କହିଛନ୍ତି, ମହାକାଶ କ୍ଷେତ୍ରରେ ଗ୍ରହଣ କରାଯାଇଥିବା ସଂସ୍କାରମୂଳକ ପଦକ୍ଷେପ ଏହାକୁ ଗତି ପ୍ରଦାନ କରିଛି । ସେ କହିଛନ୍ତି, ଏ ପର୍ଯ୍ୟନ୍ତ ଭାରତରୁ ୪୩୨ଟି ବିଦେଶୀ ଉପଗ୍ରହ ଉତ୍‌କ୍ଷେପଣ କରାଯାଇଛି । ଗତ ୧୦ ବର୍ଷରେ ପ୍ରାୟ ୯୦ ପ୍ରତିଶତ ଉତ୍‌କ୍ଷେପଣ ହୋଇଥିବା ସେ କହିଛନ୍ତି । ବାୟୋ ଟେକ୍ନୋଲୋଜି, ଜୈବ ଅର୍ଥନୀତି, ଜିଓ ସ୍ପାଟିଆଲ୍ କାର୍ଯ୍ୟକ୍ରମ, ପ୍ରତିରକ୍ଷା ଏବଂ କୃଷି କ୍ଷେତ୍ରରେ ଭାରତ ବିଜ୍ଞାନର ପ୍ରୟୋଗ କରି ଅଗ୍ରଗତି କରୁଛି ବୋଲି ସେ କହିଛନ୍ତି ।

## ସୀତାରମଣ-ବ୍ୟାଙ୍କସ୍

କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଭାରତର ବ୍ୟାଙ୍କିଙ୍ଗ୍ କ୍ଷେତ୍ର ବିଶେଷ କରି

ରାଷ୍ଟ୍ରାୟତ ବ୍ୟାଙ୍କ ଗୁଡ଼ିକରେ ଉଲ୍ଲେଖନୀୟ ପରିବର୍ତ୍ତନ ଘଟିଛି । ସେ କଂଗ୍ରେସ ନେତା ରାହୁଲ ଗାନ୍ଧିଙ୍କୁ ସମାଲୋଚନା କରି କହିଛନ୍ତି, ରାଷ୍ଟ୍ରାୟତ ବ୍ୟାଙ୍କ ଗୁଡ଼ିକୁ ଜାଲିଆତିକାରୀଙ୍କ ପାଇଁ ଅସୀମିତ ପାଣ୍ଠିର ଉତ୍ସ ଭାବେ ବ୍ୟବହାର କରାଯାଉଛି । ଅର୍ଥମନ୍ତ୍ରୀ କହିଛନ୍ତି, ମୋଦୀ ସରକାରଙ୍କ ମୂଳ ନୀତି ହେଉଛି ନାଗରିକ କେନ୍ଦ୍ରିତ ଶାସନ । ସେ କହିଛନ୍ତି, ୟୁ.ପି.ଏ. ଶାସନ କାଳରେ ରାଷ୍ଟ୍ରାୟତ ବ୍ୟାଙ୍କ୍ ଗୁଡ଼ିକୁ ସେମାନଙ୍କ ପାଇଁ ଏ.ଟି.ଏମ୍. ଭଳି ବ୍ୟବହାର କରାଯାଉଥିଲା ।

ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀମତୀ ସୀତାରମଣ ଏହି ବିଷୟରେ କହିଛନ୍ତି, ୟୁ.ପି.ଏ. ଶାସନ କାଳରେ କର୍ପୋରେଟ୍ ଋଣ ଓ ଅଯଥା ଋଣ ଯୋଗୁଁ ରାଷ୍ଟ୍ରାୟତ ବ୍ୟାଙ୍କ୍ ଗୁଡ଼ିକ କ୍ଷତିଗ୍ରସ୍ତ ହୋଇଥିଲା ।

ଅର୍ଥମନ୍ତ୍ରୀ କହିଛନ୍ତି, ୫୪ କୋଟି ଜନଧନ୍ ବ୍ୟାଙ୍କଖାତା ଖୋଲାଯାଇଥିବା ବେଳେ ୫୨ କୋଟିରୁ ଅଧିକ ବନ୍ଧକମୁକ୍ତ ଋଣ ପ୍ରଦାନ କରାଯାଇଛି । ପି.ଏମ୍. ମୁଦ୍ରା ଯୋଜନାରେ ୬୮ ପ୍ରତିଶତ ମହିଳା ହିତାଧିକାରୀ ଥିବା ବେଳେ ପି.ଏମ୍. ସ୍ୱନିଧି ଯୋଜନାରେ ୪୪ ପ୍ରତିଶତ ମହିଳା ହିତାଧିକାରୀ ଅଛନ୍ତି ।

ଗତ ୧୦ ବର୍ଷରେ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ପରିମାଣର ଋଣ ୨୩୮ ପ୍ରତିଶତକୁ ବୃଦ୍ଧି ପାଇଛି । ସେ କହିଛନ୍ତି, ନିଯୁକ୍ତି ଅଭିଯାନ ଏବଂ ରୋଜଗାର ମେଳା ମାଧ୍ୟମରେ ବିଭିନ୍ନ ବ୍ୟାଙ୍କ୍‌ରେ ଲକ୍ଷ ଲକ୍ଷ ପଦବୀ ପୁରଣ

କରାଯାଇଛି । ୨୦୧୪ର ଏ ପର୍ଯ୍ୟନ୍ତ ୩ ଲକ୍ଷ ୯୪ ହଜାର କର୍ମଚାରୀଙ୍କୁ ବିଭିନ୍ନ ବ୍ୟାଙ୍କ୍‌ରେ ନିଯୁକ୍ତି ଦିଆଯାଇଥିବା ଶ୍ରୀମତୀ ସୀତାରମଣ କହିଛନ୍ତି ।

## ସୋସିଆଲ୍ ମିଡିଆ-ଗ୍ଲୋବାଲ୍ ଆଉଟେଜ୍

ଗତକାଲି ବିଳମ୍ବିତ ରାତିରେ ଫେସ୍‌ବୁକ୍, ଇନଷ୍ଟାଗ୍ରାମ୍ ଏବଂ ହ୍ୱାଟସ୍‌ଆପ୍ ଭଳି ସାମାଜିକ ଗଣମାଧ୍ୟମ ଗୁଡ଼ିକ ସଠିକ୍ ଭାବେ କାର୍ଯ୍ୟ କରୁନଥିଲା ବୋଲି ମେଟା ପକ୍ଷରୁ କୁହାଯାଇଛି ।  ଏଭଳି କାହିଁକି ଘଟିଲା ସେ ବିଷୟରେ ମେଟା ପକ୍ଷରୁ କୌଣସି ସୂଚନା ଦିଆଯାଇ ନ ଥିଲେ ମଧ୍ୟ ପରେ ଏହି ସାମାଜିକ ଗଣମାଧ୍ୟମ ଗୁଡ଼ିକ ସ୍ୱାଭାବିକ କାର୍ଯ୍ୟ କରିବା ଆରମ୍ଭ କରିଛି । ମେଟା ପକ୍ଷରୁ କୁହାଯାଇଛି, କୌଣସି ଏକ ବୈଷୟିକ ସମସ୍ୟା ଯୋଗୁଁ ଅନେକ ଉପଭୋକ୍ତା ଏଗୁଡ଼ିକ ବ୍ୟବହାର କରିବାରେ ସମସ୍ୟାର ସମ୍ମୁଖୀନ ହୋଇଛନ୍ତି । ଯେତେ ଶୀଘ୍ର ସମ୍ଭବ ସମସ୍ତଙ୍କ ପାଇଁ ଏହା ସ୍ୱାଭାବିକ ହେବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି । ଏଭଳି ତ୍ରୁଟି ପାଇଁ କମ୍ପାନୀ କ୍ଷମା ପ୍ରାର୍ଥନା କରିଛି ।

# ଆଫ୍ଗାନ ମିନିଷ୍ଟର କିଲ୍ଡ

ଆଫ୍ଗାନିସ୍ତାନର କାର୍ଯ୍ୟକାରି ଶରଣାର୍ଥୀ ବିଭାଗ ମନ୍ତ୍ରୀ ଖଲିଲ ରେହେମାନ ହକ୍କାନୀ ଗତକାଲି କାବୁଲ୍ ସ୍ଥିତ ମନ୍ତ୍ରଣାଳୟ ମଧ୍ୟରେ ଥିବା ତାଙ୍କ କାର୍ଯ୍ୟାଳୟରେ ଆତ୍ମଘାତୀ ବିସ୍ଫୋରଣରେ ପ୍ରାଣ ହରାଇଛନ୍ତି । ସେ ବିଭିନ୍ନ ଦସ୍ତାବିଜ୍‌ରେ ଦସ୍ତଖତ କରୁଥିବା ବେଳେ ଅତିଥି ବେଶରେ ଆସିଥିବା ଜଣେ ବ୍ୟକ୍ତି ଆତ୍ମଘାତି ବୋମା ବିସ୍ଫୋରଣ କରିଥିଲା । ସେଠାକାର ଆଭ୍ୟନ୍ତରୀଣ ମନ୍ତ୍ରଣାଳୟ ଏହାକୁ ଆଇ.ଏସ୍.ଆଇ.ଏସ୍. ଆତଙ୍କବାଦୀଙ୍କ ଆକ୍ରମଣ ବୋଲି ଦର୍ଶାଇଛି । ତାଲିବାନ୍ ପକ୍ଷରୁ ଆଇ.ଏସ୍.ଆଇ.ଏସ୍. ଆତଙ୍କବାଦୀଙ୍କ ଆକ୍ରମଣକୁ ଖଣ୍ଡାରିଜ୍ ବୋଲି କୁହାଯାଏ । ଏହି ଆତ୍ମଘାତୀ ବୋମା ବିସ୍ଫୋରଣ ପାଇଁ କୌଣସି ସଂଗଠନ ନିଜକୁ ଦାୟି କରିନାହାନ୍ତି । ଏହି ବୋମା ବିସ୍ଫୋରଣରେ ଅନ୍ୟ ୬ ଜଣ ମଧ୍ୟ ପ୍ରାଣ ହରାଇଛନ୍ତି ।

୨୦୨୧ରେ ଆଫ୍ଗାନିସ୍ତାନରେ କ୍ଷମତା ହାସଲ ପରେ ତାଲିବାନ୍ ପାଇଁ ଏହି ଘଟଣା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ମନେ କରାଯାଉଛି । ଜଲାଲୁଦ୍ଦିନ୍ ହକ୍କାନିକଙ୍କ ପୁଅ ସିରାଜୁଦ୍ଦିନ୍ ହକ୍କାନି ତାଲିବାନ୍ ସରକାରରେ ମନ୍ତ୍ରୀ ଭାବେ କାର୍ଯ୍ୟ କରୁଛନ୍ତି । ଖଲିଲ ହକ୍କାନି ତାଲିବାନ୍‌ର ହକ୍କାନି ନେଟ୍‌ୱର୍କର ଜଣେ ପ୍ରମୁଖ ସଦସ୍ୟ ଥିଲା । ୨୦୧୧ରେ ଆମେରିକା ସମ୍ପୃକ୍ତ ଆତଙ୍କବାଦୀ ଗୋଷ୍ଠୀକୁ ବିଶ୍ୱ ଆତଙ୍କବାଦୀ ସଂଗଠନ ଭାବେ ଘୋଷଣା କରିଥିଲା ।

# ମହିଳା ହକି

ମହିଳା ଜୁନିୟର୍ ଏସିଆକପ୍ ହକିରେ ଆଜି ମସ୍କଟ୍‌ରେ ଚତୁର୍ଥ ତଥା ଅନ୍ତିମ ଲିଗ୍ ମ୍ୟାଚ୍‌ରେ ଭାରତ-ଥାଇଲାଣ୍ଡ ମଧ୍ୟରେ ମୁକାବିଲା ହେବ । ଗତକାଲି ଅନୁଷ୍ଠିତ ତୃତୀୟ ମ୍ୟାଚ୍‌ରେ ଭାରତ ୧-୨ ଗୋଲ୍‌ରେ ଚୀନ୍ ଠାରୁ ପରାସ୍ତ ହୋଇଥିଲା । ଏହି ବିଜୟ ସହ ୯ ପଏଣ୍ଟ ହାସଲ କରି ପୁଲ୍-ଏ ରେ ଚୀନ୍ ଶୀର୍ଷରେ ରହିଛି । ଏଥିସହିତ ଚୀନ୍ ସେମିଫାଇନାଲ୍‌କୁ ଉନ୍ନିତ ହୋଇଛି । ଭାରତ ମାଲେସିଆ ସହ ୬ ପଏଣ୍ଟ ପାଇ ଦ୍ୱିତୀୟ ସ୍ଥାନରେ ରହିଛି । ଆସନ୍ତା ଶନିବାର ଦିନ ସେମିଫାଇନାଲ୍ ଏବଂ ରବିବାର ଦିନ ଫାଇନାଲ୍ ମ୍ୟାଚ୍ ଖେଳାଯିବ । ଜାପାନରେ ଗତବର୍ଷ ଅନୁଷ୍ଠିତ ମହିଳା ଜୁନିୟର୍ ଏସିଆକପ୍‌ରେ ଭାରତ ୨-୧ ଗୋଲ୍‌ରେ ଦକ୍ଷିଣ କୋରିଆକୁ ପରାସ୍ତ କରି ଟାଇଟଲ ହାସଲ କରିଥିଲା ।